Largest Circulated Odia Daily
SAMBAD
ସମ୍ବାଦ
ସର୍ବାଧିକ ପ୍ରସାରିତ ଓଡିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT www.kiit.org



**ଶପଥ ନେବାର ଦିନକ ପରେ ନୀତୀଶ ଜାଲିୟାତି ଅଭିଯୋଗଥିବା ଜଣେ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କହିଲେ, ଆବୁ**

ତାରିଖ : ୧୧/୨୬/୨୦୦୫

- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୫.୪ | ୩୦.୬ |
| କଟକ | ୧୪.୬ | ୩୧.୧ |
| ବାଲେଶ୍ୱର | ୧୫.୧ | ୨୯.୬ |
| ଗୋପାଳପୁର | ୧୬.୫ | ୩୧.୬ |
| ଝାରସୁଗୁଡ଼ା | ୧୪.୦ | ୨୯.୯ |

ବିତର୍କ/ମତାମତ ସଂଗ୍ରହ

ପରିବାର ନିୟୋଜନକୁ ବାଧ୍ୟତାମୂଳକ ନ କରିବା ପଛରେ ସରକାରଙ୍କ ରାଜନୈତିକ ବାଧ୍ୟବାଧକତା ଅଛି କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

**• ବିଜ୍ଞାନ ପ୍ରତିଷ୍ଠାନ ସ୍ଥାନାନ୍ତରଣ ବିଜେଡ଼ି-ବିଜେପି ସାଂସଦଙ୍କ ଧାରଣା**

ନୂଆଦିଲ୍ଲୀ,(ଇମିସ): ଜାତୀୟ ବିଜ୍ଞାନ ପ୍ରତିଷ୍ଠାନକୁ ଭୁବନେଶ୍ୱର ପରିବର୍ତ୍ତେ କୋଲକାତାଠାରେ ପ୍ରତିଷ୍ଠା ନିଷ୍ପତ୍ତି ପ୍ରତିବାଦରେ ବିଜେଡ଼ି ଓ ବିଜେପି ସାଂସଦମାନେ ଗତକାଲି ସଂସଦ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇଥିଲେ। ବିଜେଡ଼ିର ଲୋକସଭାରେ ସଂସଦୀୟ ଦଳ ନେତା ବ୍ରଜକିଶୋର ତ୍ରିପାଠୀ ଓ ବିଜେପି ରାଜ୍ୟ ସଭାପତି ତଥା ସାଂସଦ ଜୁଏଲ ଓରାମ ୟୁପିଏ ସରକାରଙ୍କ ଏଭଳି ନିଷ୍ପତ୍ତି ବିରୋଧରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ପୂର୍ବ ଏନ୍‌ଡିଏ ସରକାର ସମୟରେ ଭୁବନେଶ୍ୱରରେ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦିଆଯିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୋଠପାଟଣାରେ ୭୫ ଏକର ଜାଗା ଚିହ୍ନଟ ସରିଛି। ୟୁଜିସିଠାରୁ ଏହି ଏହି ପ୍ରକଳ୍ପ ଲାଗି ବ୍ୟୟ ବରାଦ ଅପେକ୍ଷାରେ ଓଡ଼ିଶା ଥିବା ବେଳେ ଏହାକୁ ପଶ୍ଚିମବଙ୍ଗକୁ ସ୍ଥାନାନ୍ତର ନିଷ୍ପତ୍ତି ଦ୍ୱାରା ୟୁପିଏ ସରକାର ଆଞ୍ଚଳିକ ଭେଦ ଭାବ ସୃଷ୍ଟି କରୁଛନ୍ତି ବୋଲି ବିଜେପି ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଓ ରୁଦ୍ର ନାରାୟଣ ପାଣି ଅଭିଯୋଗ କରିଛନ୍ତି। ସରକାର ପରିବର୍ତ୍ତନ ପରେ ଏ ନିଷ୍ପତ୍ତି ପରିବର୍ତ୍ତନ ଦ୍ୱାରା ଆଞ୍ଚଳିକ ବୈଷମ୍ୟକୁ ହିଁ ଏହା କେବଳ ଜନ୍ମ ଦେବ ବୋଲି ସାଂସଦ ଶ୍ରୀ ତ୍ରିପାଠୀ କହିଛନ୍ତି। ଗତକାଲିର ଧାରଣାକୁ ସର୍ବଦଳୀୟ ବୋଲି ବିଜେଡ଼ି ଓ ବିଜେପି ସାଂସଦମାନେ ଦାବି କରିଥିବା ବେଳେ ରାଜ୍ୟର ଅନ୍ୟ ଦଳୀୟ ସାଂସଦମାନେ ଏଥିରେ କିନ୍ତୁ ଯୋଗଦେଇ ନାହାନ୍ତି। ଧାରଣାରେ ବସିଥିବା ସାଂସଦ ମାନଙ୍କ ମଧ୍ୟରେ ବିଜେଡ଼ିର ଅର୍ଜୁନ ଚରଣ ସେଠୀ, ବ୍ରଜକିଶୋର ତ୍ରିପାଠୀ, ଡ. ପ୍ରସନ୍ନ ପାଟଶାଣୀ, ଭର୍ତ୍ତୃହରି ମହତାବ, ବୈଜୟନ୍ତ ପଣ୍ଡା, ପ୍ରମିଳା ବହିଦାର, ଅର୍ଚ୍ଚନା ନାଏକ, ବିଜେପିରୁ ଜୁଏଲ ଓରାମ, ଧର୍ମେନ୍ଦ୍ର ପ୍ରଧାନ, ଖାରବେଳ ସ୍ୱାଇଁ, ସୁରେନ୍ଦ୍ର ଲାଠ, ଛତ୍ରପାଲ ସିଂ, ରୁଦ୍ର ନାରାୟଣ ପାଣି ଥିବା ଦେଖିବାକୁ ମିଳିଥିଲା। ଧାରଣାକାରୀ ସାଂସଦମାନେ ଓଡ଼ିଶାର ଦାବି ସମ୍ବଳିତ ପ୍ଲାକାର୍ଡମାନ ଧରିଥିଲେ।

ପୂର୍ବପୃଷ୍ଠା



**ଲଣ୍ଡନର ଲର୍ଡସ ଗ୍ରାଉଣ୍ଡରେ ୟୁରୋପିଆନ ୟୁନିୟନ ପକ୍ଷରୁ ସୁନ୍ଦରୀ ଐଶ୍ୱର୍ଯ୍ୟା ରାୟ ଓ ଜ୍ୟାକି ଚାନ୍‌ଙ୍କୁ ସମ୍ମାନିତ କରାଯିବ।**

ଅନ୍ୟାନ୍ୟ ଖବର

- ୪୮୩ ଜଣ ମନୋନୀତ ପଶୁଧନ ନିରୀକ୍ଷକଙ୍କ ଅନଶନ
- ଘରକୁ ଆଶ୍ରମ, ଦେହକୁ ମନ୍ଦିର କରିବା ପାଇଁ ସ୍ୱାମୀ ଶୁଦ୍ଧାନନ୍ଦଙ୍କ ପରାମର୍ଶ
- ଚଳିତ ଆର୍ଥିକ ବର୍ଷରେ ୧ ଲକ୍ଷ ୭୬ ହଜାର କୋଟି ଟଙ୍କା ଆୟକର ଆଦାୟ ଲକ୍ଷ୍ୟ
- ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ: ସ୍ୱାମୀ ଗିରଫ
- ୭ ବର୍ଷ ପରେ ଗହଣା ଚୋରିରେ ଅଭିଯୁକ୍ତ ୨ ସାପୁଆକେଳା ଧରାପଡ଼ିଲେ
- କୋର୍ଟ ଫି ବୃଦ୍ଧି ବିରୋଧରେ ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ
- ତେଲିଜୋର ଫାଟକ ଡକାୟତିରେ ସଂପୃକ୍ତ ଡ୍ରାଇଭର୍ ସହ ବୋଲେରୋ ଜବତ
- ଟିସ୍କୋ ମାଇନ୍‌ସ ମାପଯନ୍ତ୍ରରେ ଜାଲିଆତି ଧରାପଡ଼ିଲା
- ଷ୍ଟାଇପେଣ୍ଡ୍ ଦାବିରେ ଛାତ୍ରଛାତ୍ରୀଙ୍କ ଧାରଣା




Copyright © 2001 orissasambad.com

Site Developed by : www.wayindia.com